**ଡକାୟତି ମାମଲାରେ ଜଣେ ଗିରଫ**

**କଣିହାଁ, (ଡି.ଏନ.ଏ.):** ଏକ ଡକାୟତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ କଣିହାଁ ବ୍ଲକ ସମଲ ଥାନା ପୋଲିସ ବିଲିଣ୍ଡା ଗ୍ରାମର ଜଗବନ୍ଧୁ ବେହେରାଙ୍କୁ ଗିରଫ କରିଛି। ଏହି ମାମଲାରେ ପୂର୍ବରୁ ଏକଘରିଆ ଗ୍ରାମର ପିଙ୍କୁ ମହାରଣା, ଶୁକ୍ରୁ ନାଏକ ଗିରଫ ହୋଇଥିଲେ। ଆଇଆଇସି ଯାଜ୍ଞସେନୀ ପ୍ରଧାନଙ୍କ ସୂଚନା ଅନୁଯାୟୀ, ଗତ ଜୁନ୍ ୧୯ରେ ପରଜଙ୍ଗ ଥାନା ଡମୋଳ ଗ୍ରାମର ଝୁଲୁନା ମହାରଣା ଓ ତାଳଚେର ଅଞ୍ଚଳର ମୁକେଶ ବଳ ବ୍ୟବସାୟ କରିବାକୁ କଣିହାଁକୁ ଆସିଥିବାବେଳେ ସମ୍ପୃକ୍ତ ୩ ତାଙ୍କଠାରୁ ଲୁଟପାଟ କରିଥିଲେ।

## ସଂକ୍ଷେପରେ

### ଅନୁଗୋଳ ଜିଲାରେ ଠାବ ହୋଇଛି ସୁନା ଖଣି

**ଅନୁଗୋଳ ଅଫିସ, ୧୯।୭:** ଅନୁଗୋଳ ଜିଲାରେ ସୁନା ଖଣି ଠାବ ହୋଇଛି। ଏ ନେଇ ବିଧାନସଭାରେ ହୋଇଥିବା ପ୍ରଶ୍ନର ଉତ୍ତର ରଖିଛନ୍ତି ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମନ୍ତ୍ରୀ କହିଥିଲେ କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ମାଲକାନଗିରି ଓ ଅନୁଗୋଳ ଜିଲାରେ ସୁନା ଖଣି ଥିବା ରାଜ୍ୟ ଭୂତାତ୍ତ୍ୱିକ ନିର୍ଦ୍ଦେଶାଳୟ ଓ ଭାରତୀୟ ଭୂତାତ୍ତ୍ୱିକ ଅନୁସନ୍ଧାନ ସଂସ୍ଥାର ଅନୁସନ୍ଧାନରୁ ଜଣାପଡ଼ିଛି। ଅନୁଗୋଳ ଜିଲା କିଶୋରନଗର ବ୍ଲକର ମାଙ୍ଗଡ଼ଚୁଆ ଅଞ୍ଚଳରେ ସ୍ୱଳ୍ପ ପରିମାଣରେ ଓ ବିକ୍ଷିପ୍ତ ଭାବରେ ସୁନାପଥର ମିଳୁଥିବାରୁ ଏହାର ଆକଳନ କରାଯାଇ ନାହିଁ ବୋଲି ମନ୍ତ୍ରୀ ତାଙ୍କ ଉତ୍ତର କହିଥିଲେ। ଅନୁଗୋଳରେ ସୁନା ଖଣି ଥିବା ଜଣାପଡ଼ିବା ପରେ ଜିଲାବାସୀ ଗର୍ବ ଅନୁଭବ କରୁଥିବା ଚର୍ଚ୍ଚା ହେଉଛି।

### ଖୁବ୍‌ଶୀଘ୍ର ମିଳିବ ଅଲଟ୍ରାସାଉଣ୍ଡ ସେବା

**ପାଲଲହଡ଼ା,୧୯।୭(ଡି.ଏନ.ଏ.):** ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଏକ୍ସ-ରେ, ଇସିଜି, ଅଲଟ୍ରାସାଉଣ୍ଡ ଓ ରକ୍ତଭଣ୍ଡାର ସୁବିଧା ଏଯାଏ ରୋଗୀଙ୍କୁ ମିଳିପାରି ନାହିଁ। ଏକ୍ସ-ରେ ମେଶିନ ଥିଲେ ବି ପରିଚାଳକ ନ ଥିବାରୁ ଏହା ସେବାରେ ଲାଗିପାରୁ ନାହିଁ। ତେବେ ଖୁବ୍‌ଶୀଘ୍ର ଏହି ଉପଖଣ୍ଡ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ବ୍ୟବସ୍ଥା କରାଯିବ ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଉତ୍ତର ରଖିଥିବା ସୂଚନା ମିଳିଛି। ପାଲଲହଡା ବିଧାୟକ ମୁକେଶ କୁମାର ପାଲଙ୍କ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ପାଲଲହଡା ଉପଖଣ୍ଡ ଚିକିତ୍ସାଳୟ ପାଇଁ ଅଲଟ୍ରାସାଉଣ୍ଡ ମେଶିନ କିଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଏହି ସେବା ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ତେବେ ଡାକ୍ତରଖାନାରେ ରକ୍ତ ସରଂକ୍ଷଣ ପାଇଁ ବ୍ୟବସ୍ଥା ଥିବାରୁ ରକ୍ତଭଣ୍ଡାର ନିମନ୍ତେ ପ୍ରସ୍ତାବ ଆସିଲେ ତାହା କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ସେହିପରି କଣିହାଁ ବ୍ଲକ ରେଙ୍ଗାଳି ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଡାକ୍ତରଖାନାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ପ୍ରକ୍ରିୟା ଓ ରକ୍ଷଣାବେକ୍ଷଣ ସମ୍ପର୍କିତ ପ୍ରଶ୍ନରେ ମନ୍ତ୍ରୀ କହିଥିଲେ, ଉକ୍ତ ହସ୍ତାନ୍ତର ପ୍ରକ୍ରିୟାର ତର୍ଜମା ଚାଲିଛି ଏବଂ ପ୍ରଚଳିତ ନିୟମ ଅନୁସାରେ ପଦକ୍ଷେପ ନିଆଯିବ।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ବଇଣ୍ଡା,୧୯।୭(ଡି.ଏନ.ଏ.):** କିଶୋରନଗର ଥାନା ଷଣ୍ଡପାଳ ଗ୍ରାମରେ ମଙ୍ଗଳବାର ସକାଳୁ ଏକ ଭାଲୁ ଆକ୍ରମଣରେ ସେହି ଗ୍ରାମର ପ୍ରମୋଦ ମିର୍ଦ୍ଧା ଗୁରୁତର ହୋଇଛନ୍ତି। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପ୍ରମୋଦ ନିକଟସ୍ଥ ନାଳକୁ ଶୌଚ କରିବା ପାଇଁ ଯାଇଥିବା ବେଳେ ଏକ ଭାଲୁ ତାଙ୍କ ମୁହଁକୁ କାମୁଡିଦେଇଥିଲା। ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ପକ୍କା କରୁନି ପ୍ରଶାସନ

- ଅବହେଳିତ ଅବସ୍ଥାରେ କିଶୋରନଗର ବ୍ଲକର ୧୦ ମାଟି ରାସ୍ତା
- ସାମାନ୍ୟ ବର୍ଷା ହେଲେ ଯାତାୟାତ ହୋଇପଡୁଛି କଷ୍ଟକର
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ନିଆଯାଉନି ପଦକ୍ଷେପ


ବଣିନାଳୀ ଠାରୁ ଅର୍ଜୁନଧରା ରାସ୍ତା କାଦୁଅରେ ପରିପୂର୍ଣ୍ଣ।

**ପରିକ୍ଷିତ ସାହୁ**
**ବଇଣ୍ଡା,୧୯।୭**

ନିର୍ବାଚନ ଆସିଲେ ଆସୁଛନ୍ତି ନେତା। ଦେଉଛନ୍ତି ଭଳିକି ଭଳି ପ୍ରତିଶ୍ରୁତି। ଅଭିଯୋଗ ନେଇ ପ୍ରଶାସନ ନିକଟକୁ ଗଲେ କୁହାଯାଉଛି ନିଆଯିବ ପଦକ୍ଷେପ। କେଇବର୍ଷ ହେଲା କେବଳ ଏଭଳି ପ୍ରତିଶ୍ରୁତି ବ୍ୟତୀତ କିଛି ବି ହେଉନି କାର୍ଯ୍ୟ। ଏପରି କି ପକ୍କା କରିବା ତ ଦୂରର କଥା ମାଟି ମୁଠାଏ ମଧ୍ୟ ପକାଯାଇନି ଅନୁଗୋଳ ଜିଲା କିଶୋରନଗର ବ୍ଲକର ୧୦ଟି ମାଟି ରାସ୍ତାରେ। ଫଳରେ ପ୍ରତିବର୍ଷ ବର୍ଷାଦିନେ ଏସବୁ ସଡ଼କରେ ଯାତାୟାତ ଅସମ୍ଭବ ହୋଇପଡୁଛି। ଏହାକୁ ନେଇ କ୍ଷୋଭବ୍ୟକ୍ତ କରିଛନ୍ତି ସ୍ଥାନୀୟ ଅଞ୍ଚଳବାସୀ।

କିଶୋରନଗର ବ୍ଲକର ଧଡରପାଳ, ହଣ୍ଡପା, ଉରୁକୁଳା, ଆମ୍ବପାଳ, କଣ୍ଟେଇକୋଳିଆ, ନାକିଚି ଆଦି ପଞ୍ଚାୟତରେ ରହିଛି ଏହି ଅବହେଳିତ ୧୦ଟି ମାଟି ରାସ୍ତା। ବ୍ଲକର ଧଡରପାଳ ପଞ୍ଚାୟତର କତଡା ଠାରୁ ଟେନ୍ତୁଲିଖୋଲ ୫ କି.ମି. ରାସ୍ତା ଉପରେ ୨ ଶହ ଲୋକ ନିର୍ଭରଶୀଳ। ହେଲେ ରାସ୍ତା ଅବସ୍ଥା ଅତି କଦର୍ଯ୍ୟ ହୋଇପଡ଼ିଛି। ଏକ ପାହାଡକୁ କାଟି ପକ୍କା ସଡ଼କଟିଏ ନିର୍ମାଣ କରିବାକୁ ଦୀର୍ଘବର୍ଷ ହେବ ହେଉଥିବା ଦାବିକୁ ପ୍ରଶାସନ ଏଯାଏ ପୂରଣ କରିନାହିଁ। ସେହିପରି ହଣ୍ଡପା ପଞ୍ଚାୟତର ବଣିନାଳୀ ଠାରୁ ଅର୍ଜୁନଧରା ୩ କି.ମି. ରାସ୍ତାରେ ସୋଲଣ୍ଡା, ଡଙ୍ଗାଧର, ଅର୍ଜୁନଧରା ଆଦି ଗ୍ରାମର ଦେଢ଼ ହଜାର ଲୋକ ଯାତାୟାତ କରନ୍ତି। ଏହି ମାଟି ରାସ୍ତାକୁ ପକ୍କା କରିବାକୁ ୧୫ ମେ ୨୦୧୭, ୨୧ ଏପ୍ରିଲ ୨୦୧୯, ୨୦ ସେପ୍ଟେମ୍ବର ୨୦୨୦ରେ ଗ୍ରାମବାସୀ ଜିଲାପାଳ ଓ ସ୍ଥାନୀୟ ବିଧାୟକଙ୍କୁ ଦାବିପତ୍ର ଦେଇଥିଲେ। ହେଲେ ଏଯାଏ ପ୍ରଶାସନ ପଦକ୍ଷେପ ନେଇନାହିଁ। ପ୍ରତାପପୁରଠାରୁ ଭାୟା ନୂଆଁ ବାଲିଖମଣ ଦେଇ ବାଲିଖମଣ ୩ କି.ମି. ରାସ୍ତା, ପ୍ରତାପପୁର ଠାରୁ ନୂଆଁ ଖୋଲାରେଗେଡ଼ା ୨ କି.ମି. ରାସ୍ତା, ହିଣ୍ଡିରିଡା ଠାରୁ ଖୋଲା ରେଗେଡ଼ା ୪ କି.ମି. ରାସ୍ତା ଜଙ୍ଗଲ ଅଧୁଷିତ ଅଞ୍ଚଳରେ ରହିଛି। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନର ନଜର ଏହା ଉପରେ ପଡୁନାହିଁ। ଉରୁକୁଳା ପଞ୍ଚାୟତର ଉରୁକୁଳାରୁ ଘନପୁର ୨ କି.ମି. ରାସ୍ତା ମଧ୍ୟ ଅବହେଳାର ଶିକାର ହୋଇଛି। ଆମ୍ବପାଳ ପଞ୍ଚାୟତ ୫୫ ନମ୍ବର ଜାତୀୟ ରାଜପଥରୁ ଭାୟା ଖଇରମୁଣ୍ଡା ଦେଇ ବାଦ୍ରୀନାଳି ଗ୍ରାମକୁ ସଂଯୋଗ କରୁଥିବା ୩ କି.ମି. ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଖଇରାମୁଣ୍ଡା ଗ୍ରାମବାସୀ ୨୧ ଏପ୍ରିଲ ୨୦୧୭ରୁ ଜିଲାପ୍ରଶାସନ ଦୃଷ୍ଟି ଆକର୍ଷଣ କରିଆସିଛନ୍ତି। କିନ୍ତୁ ଗ୍ରାମବାସୀଙ୍କ କଥାକୁ କର୍ଣ୍ଣପାତ କରାଯାଉ ନାହିଁ। ଏହି ରାସ୍ତାରେ ପଡୁଥିବା ଏକ ପୁସିଂ ବ୍ରିଜ ନିକଟରେ ୨ ଫୁଟର ବର୍ଷା ପାଣି ଗଛିତ ରହୁଥିବାରୁ ଯାତାୟାତରେ ଅସୁବିଧା ହେଉଛି। କଣ୍ଟେଇକୋଳିଆ ପଞ୍ଚାୟତର କଣ୍ଟେଇକୋଳିଆଠାରୁ ଭାୟା ଦେହୁରୀସାହି, ଦଳିତସାହି ଦେଇ ଚାରିଖମଣ ପର୍ଯ୍ୟନ୍ତ ୫ କି.ମି., ଚାରିଖମଣରୁ ଭାଲିଆଡଇଳା ୩ କି.ମି. ରାସ୍ତା ଶୋଚନୀୟ ହୋଇରହିଛି। ସେହିପରି ନାକିଚି ପଞ୍ଚାୟତ କମରେଇଠାରୁ ଭାୟା ଟକବା ଦେଇ ଉଡଲ ୧୩ କି.ମି. ରାସ୍ତା ପକ୍କା କରାଯାଉନାହିଁ। ଏହି ରାସ୍ତାଟି ଜଙ୍ଗଲ ବିଭାଗ ଅଧୀନରେ ଥିବା ବେଳେ ଗ୍ରାମ୍ୟ ଉନ୍ନୟନ କିମ୍ବା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହେଉନାହିଁ। ଜଙ୍ଗଲ ବିଭାଗରୁ ଅନୁମତି ମିଳୁ ନ ଥିବା ଯୋଗୁ ରାସ୍ତା ପକ୍କା କରାଯାଇ ପାରୁନାହିଁ। ଫଳରେ ଏଠାକାର ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ପର୍ଯ୍ୟଟକମାନେ କଦର୍ଯ୍ୟ ରାସ୍ତା ଯୋଗୁ ହଇରାଣ ହରକତ ହେଉଛନ୍ତି। ଏ ନେଇ ଉଡଲ ଗ୍ରାମବାସୀ ୨୩ ମେ ୨୦୧୫ରେ ଏକ ଦାବିପତ୍ର ଜଙ୍ଗଲ ବିଭାଗର ଉଚ୍ଚଅଧିକାରୀଙ୍କୁ ଦେଇଥିବା ବେଳେ କୌଣସି ସୁଫଳ ମିଳୁନାହିଁ। ବ୍ଲକର ଉକ୍ତ ୧୦ଟି ରାସ୍ତା ନିର୍ମାଣ ହେଉ ନ ଥିବା ସମ୍ପର୍କରେ ବିଡିଓ ଡ. ସ୍ୱରୂପା ନନ୍ଦ ସାହୁ କହିଛନ୍ତି, ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାଗୁଡିକର ବିକାଶ ପାଇଁ ପଦକ୍ଷେପ ନିଆଯିବ।

**ଯାତାୟାତ କରିବା କଷ୍ଟକର**


ଅନେକ ରାସ୍ତା ଏବେ କାଦୁଅପୂର୍ଣ୍ଣ। ବର୍ଷା ପୂର୍ବରୁ ମରାମତି କରାଯାଉ ନ ଥିବା ଯୋଗୁ ଏଥିରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ କେହି ଶୁଣୁନାହାନ୍ତି।
-ଶ୍ରୀଧର ମାଝି, ସୋଲଣ୍ଡା

**ପଞ୍ଚାୟତ ପକ୍ଷରୁ ପଦକ୍ଷେପ ନିଆଯାଉଛି**


ହଣ୍ଡପା ପଞ୍ଚାୟତର ଜଙ୍ଗଲ ଅଧୁଷିତ ଅଞ୍ଚଳରେ କିଭଳି ଗମନାଗମନ କ୍ଷେତ୍ରରେ ସୁବିଧା ହେବ ସେ ନେଇ ପଞ୍ଚାୟତ ପକ୍ଷରୁ ପଦକ୍ଷେପ ନିଆଯାଉଛି। ୨ଟି ରାସ୍ତାର ଉନ୍ନତୀକରଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।
-ରଶ୍ମିତା ପ୍ରଧାନ, ହଣ୍ଡପା ସରପଞ୍ଚ

**ସରକାରୀ ଯୋଜନା ପହଞ୍ଚିପାରୁନି**


ଅନେକ ଜଙ୍ଗଲ ଅଧୁଷିତ ଅଞ୍ଚଳ ଗମନାଗମନ କ୍ଷେତ୍ରରେ ଅବହେଳିତ ହୋଇରହିଛି। ପକ୍କା ରାସ୍ତା ନିର୍ମାଣ କରାଯାଉ ନ ଥିବାରୁ ସେଠାରେ ସରକାରୀ ଯୋଜନା ଠିକ୍‌ଭାବେ ପହଞ୍ଚିପାରୁନାହିଁ। ସମସ୍ତ ମାଟି ରାସ୍ତାକୁ କଂକ୍ରିଟରେ ପରିଣତ କରାଯାଉ।
-ଅମାତ କୁମାର ସାହୁ, କଣ୍ଟେଇକୋଳିଆ

**ପ୍ରତିଶ୍ରୁତି ରକ୍ଷା କରୁନାହାନ୍ତି ରାଜନେତା**


ବର୍ଷା ହେଲେ ମାଟି ରାସ୍ତା କାଦୁଅ ହୋଇଯାଉଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହାକୁ ନିର୍ମାଣ କରିବା ପାଇଁ ବହୁବାର ଦାବି କରାଯାଉଥିଲେ ମଧ କେହି ଶୁଣୁନାହାନ୍ତି। ରାଜନେତାଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି।
-ସୁଶାନ୍ତ ସାହୁ, ଅର୍ଜୁନଧରା

**ନେତାଙ୍କ ଦେଖା ମିଳୁନି**


ଦୀପତଳ ଅନ୍ଧାର ପରି ଗ୍ରାମର ମୁଖ୍ୟ ରାସ୍ତା କଦର୍ଯ୍ୟ ହୋଇ ରହିଛି। ନିର୍ବାଚନ ପାଖେଇଲେ ବହୁ ପ୍ରତିଶ୍ରୁତି ମିଳେ। ହେଲେ ଭୋଟ ସରିଲେ ରାସ୍ତା କାର୍ଯ୍ୟ ତ ଦୂରର କଥା ନେତାଙ୍କ ଦେଖା ମିଳେନି। ଜିଲା ପ୍ରଶାସନକୁ ଅବଗତ କରାଗଲେ ମଧ ସୁଫଳ ମିଳୁନି।
-ଅନିରୁଦ୍ଧ ସାହୁ, ବାଦିରିନାଳି

**ଚିହ୍ନଟ ପରେ ପିଚୁ କରାଯିବ**


ବ୍ଲକ ଅଞ୍ଚଳର ଉକ୍ତ ରାସ୍ତାଗୁଡ଼ିକୁ ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ କିଭଳି ପିଚୁ କରାଯିବ ସେ ନେଇ ପ୍ରଶାସନକୁ ଅବଗତ କରାଯିବ। ସରକାର ଗମନାଗମନ କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ ସମସ୍ୟାର ଶୀଘ୍ର ସମାଧାନ କରାଯିବ।
-ରମେଶ ଚନ୍ଦ୍ର ସାଏ, ବିଧାୟକ, ଆଠମଲ୍ଲିକ

# ରଣ ଟଙ୍କା ଶୁଝିବାକୁ ନେଇ ମାରପିଟ

**ଛେଣ୍ଡିପଦା,୧୯।୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିପଙ୍ଗା ପଞ୍ଚାୟତରେ ମହିଳା ଗ୍ରୁପ୍ ରଣ ପରିଶୋଧକୁ ନେଇ ମାରପିଟ୍ ହୋଇଥିବା ବେଳେ ଗ୍ରୁପ୍ ସଭାନେତ୍ରୀ ରିନା ନାଏକ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଘଟଣାରୁ ପ୍ରକାଶ, ବାଲିପଟା ମହିଳା ଗ୍ରୁପ୍ ସଭାନେତ୍ରୀ ରିନାଙ୍କ ନେତୃତ୍ୱରେ ୩ଟି ବେସରକାରୀ ସଂସ୍ଥାରୁ ୮୦ ହାଜର ଟଙ୍କା ରଣ ଅଣାଯାଇଥିଲା। ସେଥିରୁ ପିଙ୍କି ନାଏକ ଗ୍ରୁପ୍ ମାଧ୍ୟମରେ ରଣ ନେଇଥିଲେ। କିନ୍ତୁ ଟଙ୍କା ପରିଶୋଧ ନ କରି ବାହାରେ ଲୁଚି ରହିଥିଲେ। ଫଳରେ କିସ୍ତି ବାବଦରେ ସଭାନେତ୍ରୀ ରିନା ନାଏକ ତାଙ୍କ ବ୍ୟକ୍ତିଗତ ଟଙ୍କାରୁ ୭ ହଜାର ୪ଶହ ଟଙ୍କା ପରିଶୋଧ କରିଥିଲେ। ଦୀର୍ଘଦିନ ଧରି ପିଙ୍କିଙ୍କ ପରିବାରର ଦେଖା ମିଳୁ ନ ଥିବା ବେଳେ ତାଙ୍କ ସ୍ୱାମୀ ଯୁଗଳ ନାଏକ


ମେଡିକାଲରେ ରିନା ନାଏକଙ୍କ ଚିକିତ୍ସା ଚାଲିଛି।

**ଗ୍ରୁପ୍ ସଭାନେତ୍ରୀ ଗୁରୁତର**

ମଙ୍ଗଳବାର ଘରକୁ ଆସିଥିବା ଖବରପାଇ ଗ୍ରୁପ୍ ସଭାନେତ୍ରୀ ରିନା ଓ ଅନ୍ୟ ଜଣେ ସଦସ୍ୟା କିସ୍ତି ଟଙ୍କା ମାଗିବାକୁ ଯାଇଥିଲେ। ସେଠାରେ ପିଙ୍କିଙ୍କ ଭେଟ ନ ମିଳିବାରୁ ତାଙ୍କ ସ୍ୱାମୀ ଯୁଗଳଙ୍କୁ ଗ୍ରୁପ ରଣ ପରିଶୋଧ କଥା କହିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁଗଳ ଏବଂ ତାଙ୍କ ମା’ ସୀତା ରିନାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ରିନାଙ୍କ ସ୍ୱାମୀ ଶୁକଦେବ ନାଏକ ସ୍ତ୍ରୀଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହିତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରିନାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଛେଣ୍ଡିପଦା ଥାନାରେ ଏକ ମାମଲା ରୁଜୁ ସହିତ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ୬ ଘଣ୍ଟା ପରେ ରାସ୍ତାରୁ ହଟିଲା ଗଛ

**ଛେଣ୍ଡିପଦା,୧୯।୭(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବାଗଡିଆରୁ ଚାରବାଟି ଓ ଦେବଗଡ ଜିଲାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବାଗଡିଆ ବଜାର ନିକଟରେ ମଙ୍ଗଳବାର ଏକ ବିରାଟ ଆମ୍ବ ଗଛ ଉପୁଡି ପଡିବା ଫଳରେ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବିଦ୍ୟୁତ୍ ତାର ଛିଣ୍ଡିଯିବାରୁ ବିଦ୍ୟୁତ୍ ସରବରାହ ମଧ୍ୟ ବନ୍ଦ ହୋଇଯାଇଥିଲା। ପୂର୍ବାହ୍ନ ୧୧ଟା ବେଳେ ଏହି ଘଟଣା ଘଟିଥିବା ବେଳେ ବାଗଡିଅରୁ ଟାଙ୍ଗିର ଯାଇଥିବା ରାସ୍ତାରେ ପ୍ରାୟ ୬ଘଣ୍ଟା ଧରି ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଖବରପାଇ ଛେଣ୍ଡିପଦା ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଅପରାହ୍ନ ୪ଟା ବେଳେ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତାରୁ ହଟାଇବା ସହିତ ବିଦ୍ୟୁତ ସଂଯୋଗ କରିଥିଲେ। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଅନୁଗୋଳ-ଛେଣ୍ଡିପଦା ରାସ୍ତାରେ କୋଶଳା ନିକଟସ୍ଥ ରିସର୍ଚ୍ଚ ନର୍ସରୀଠାରେ ଏକ ଗଛ ଉପୁଡି ପଡ଼ିବାରୁ ବାଇକ୍‌ରେ ଯାଉଥିବା ଏକ ପରିବାର ଗୁରୁତର ହୋଇଥିଲେ। ସେହିପରି ଛେଣ୍ଡିପଦା ଥାନା ଛକ ନିକଟରେ ୬୩ନଂ. ରାଜ୍ୟ ରାଜପଥ ଉପରେ ଏକ ତାଳଗଛ ଉପୁଡ଼ି ପଡିଥିଲା। ରାସ୍ତା ପାର୍ଶ୍ୱରେ ବହୁ ପୁରାତନ ଓ ଶୁଖିଲା ଗଛ ବିପଦ ସଙ୍କୁଳ ଅବସ୍ଥାରେ ଥିବାବେଳେ ତାହାକୁ କାଟିବାକୁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବା ପାଇଁ ସାଧାରଣରେ ଦାବି ହୋଇଛି।


ରାସ୍ତା ଉପରେ ଉପୁଡ଼ି ପଡ଼ିଥିବା ଗଛ।

# ବେଆଇନ ମଦ କାରବାର ବୃଦ୍ଧି

**ବଅଁରପାଳ,୧୯।୭(ଡି.ଏନ.ଏ.)**

ବଅଁରପାଳ ବ୍ଲକ ନାଲ୍‌କୋ ଥାନା ଅଞ୍ଚଳରେ ବେଆଇନ ଭାବେ ମଦ କାରବାର ବୃଦ୍ଧି ପାଉଛି। ଏଠାରେ ଥିବା କେତେକ ଢାବା, ହୋଟେଲ ଏପରି କି ରାଶନ ଦୋକାନ ଓ ବ୍ରଏଲର କାଉଣ୍ଟରରେ ଚୋରା ମଦ ବିକ୍ରି ହେଉଥିବା ଅଭିଯୋଗ ହେଉଛି। କେତେଜଣ ବ୍ୟକ୍ତି ଚୋରା ଦେଶୀ ବିଦେଶୀ ମଦ ନେଇ ଘରେ ବେପାର କରୁଛନ୍ତି। ତେବେ ଚଢ଼ାଉ ପୂର୍ବରୁ ସମ୍ପୃକ୍ତ ଚୋରା ବ୍ୟବସାୟୀମାନଙ୍କୁ ସୂଚନା ମିଳିଯାଉଥିବାରୁ ଏଥିରେ ପୋଲିସ ଓ ଅବକାରୀ ବିଭାଗର କେତେଜଣ ତଳିଆ କର୍ମଚାରୀଙ୍କ ସମ୍ପୃକ୍ତି ରହୁଥିବା ଆଲୋଚନା ହେଉଛି। ସେହିପରି ଏଫ୍‌ସିଆଇ ରାସ୍ତା ଠାରୁ ଗିରାଙ୍ଗ ମଧ୍ୟରେ ବିଭିନ୍ନ ସ୍ଥାନରେ ଜବରଦଖଲ କରି ବେଆଇନ ଭାବେ ମଦ ବିକ୍ରି କରାଯାଉଥିବାରୁ ରାସ୍ତା ପାର୍ଶ୍ୱରେ ହଜାର ହଜାର ମଦ ବୋତଲ ଓ ପ୍ଲାଷ୍ଟିକ ଗ୍ଲାସର ଆବର୍ଜନା ଦେଖିବାକୁ ମିଳୁଛି। ନଶାଶକ୍ତ ବକ୍ତିମାନେ ଅନେକ ସମୟରେ ସ୍କୁଲ ଓ କଲେଜ ଯାଉଥିବା ଛାତ୍ରୀଛାତ୍ରମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏଥିପ୍ରତି ପୋଲିସ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ନାଲ୍‌କୋ ଥାନା ଅଧିକାରୀ ଦିଲୀପ ଲାକ୍ରା କହିଛନ୍ତି, ବେଆଇନ ନିଶା କାରବାର ଚାଲିଥିବା ଅଭିଯୋଗ ରହିଛି। ଯେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ରାସ୍ତା ପାର୍ଶ୍ୱରେ ମଦ ବୋତଲ ଓ ପ୍ଲାଷ୍ଟିକ ଗ୍ଲାସ ଆବର୍ଜନା ଗଦାହୋଇଛି।

# ଅଧିକାରୀଙ୍କୁ ଡାକି ସମସ୍ୟା ବୁଝିଲେ ଜିଲାପାଳ

## ରେଳ ପ୍ରକଳ୍ପ, ଜାତୀୟ ରାଜପଥ ନିର୍ମାଣର ସମୀକ୍ଷା

**ଅନୁଗୋଳ ଅଫିସ, ୧୯।୭**



ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ଦୀର୍ଘଦିନ ଧରି ନିର୍ମାଣ ଚାଲିଥିବା ତାଳଚେର-ବିମଳାଗଡ ନୂତନ ବ୍ରଡଗେଜ୍ ରେଳ ପ୍ରକଳ୍ପ ଓ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ଦ୍ରୁତ ଅଗ୍ରଗତି ହୋଇପାରୁ ନାହିଁ। ଏ ନେଇ ଥିବା ସମସ୍ୟା ସମ୍ପର୍କରେ ସୋମବାର ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଅଧିକାରଙ୍କୁ ଡାକି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଲୋଚନା କରିଥିଲେ। ସମସ୍ୟା ସମ୍ପର୍କରେ ଜାଣିବା ପରେ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଲୋକମାନଙ୍କ ଦାବି ଓ ସୁବିଧାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ ଜାତୀୟ ରାଜପଥ କାର୍ଯ୍ୟ ନ ସାରିଲେ ସମ୍ପୃକ୍ତ ବିଭାଗ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଚେତାବନୀ ଦେଇଥିଲେ। ସେହିପରି ତାଳଚେର-ବିମଳାଗଡ଼ ନୂତନ ରେଳ ପ୍ରକଳ୍ପ କାର୍ଯ୍ୟକୁ ଆସନ୍ତା ୭ ମାସ ମଧ୍ୟରେ ସାରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏଥିପାଇଁ ଆବଶ୍ୟକ ଆନସଙ୍ଗିକ ପ୍ରକ୍ରିୟା ତୁରନ୍ତ ସାରିବାକୁ ଜିଲାପାଳ ରେଳ କର୍ତ୍ତୃପକ୍ଷଙ୍କୁ କହିଥିଲେ। ତାଳଚେର-ବିମଳାଗଡ଼ ମଧ୍ୟରେ ରେଳବାଇର ନିୟମ ଅନୁଯାୟୀ ଓ ଲୋକମାନଙ୍କ ଯାତାୟତ ସୁବିଧାକୁ ଦୃଷ୍ଟିରେ ରଖି ଅଣ୍ଡର ପାସ୍ ନିର୍ମାଣ କାର୍ଯ୍ୟ ତୁରନ୍ତ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଜାତୀୟ ରାଜପଥ ୫୫ରେ ପାଣି ନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନ୍ ତିଆରି କରିବା ସହ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ରାସ୍ତା ନିର୍ମାଣର ଏକ କାର୍ଯ୍ୟ ଖସଡା ପ୍ରସ୍ତୁତ କରି ଜିଲାପାଳଙ୍କୁ ପ୍ରଦାନ କରିବା ସହ ତଦନୁଯାୟୀ ନିର୍ମାଣ କାର୍ଯ୍ୟକୁ ଆଗେଇ ନେବେ ବୋଲି ବୈଠକରେ କହିଥିଲେ। ରାସ୍ତା ନିର୍ମାଣର ଡାଇଭରଶନ କାର୍ଯ୍ୟ ପାଇଁ ଆନୁଷଙ୍ଗିକ ପଦକ୍ଷେପ ନେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜାତୀୟ ରାଜପଥ ନିର୍ମାଣରେ ଉଚ୍ଛେଦ ହୋଇଥିବା ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରର ବିକଳ୍ପ ବ୍ୟବସ୍ଥା କରିବାକୁ କର୍ତ୍ତୃପକ୍ଷଙ୍କୁ ଏହି ଅବସରରେ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ରାସ୍ତା ନିର୍ମାଣ କାର୍ଯ୍ୟର ଏଷ୍ଟିମେଟ୍ ପ୍ରସ୍ତୁତ କରି ନିର୍ଦ୍ଧାରିତ ସମୟରେ ପ୍ରଦାନ କରିବାକୁ ପୂର୍ତ୍ତ ବିଭାଗ କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଉପଜିଲାପାଳ ବାଇଚୁରା ଦୀପ୍, ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ, ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, ଡେପୁଟି କଲେକ୍ଟର ସରିତା ପ୍ରଧାନ, ଜାତୀୟ ରାଜପଥର ଭୂ - ଅର୍ଜନ ଅଧିକାରୀ ମନିଷା ଗୁପ୍ତା, ଭୂ - ଅର୍ଜନ ଅଧିକାରୀ (ସାଧାରଣ) ଇଷାନି ପଣ୍ଡା, ଗାୟତ୍ରୀ କନଷ୍ଟ୍ରକଶନ ପ୍ରାଇଭେଟ ଲି., ଅଗ୍ରୱାଲା ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ ଲି., ସମ୍ବଲପୁର - ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣର କର୍ମକର୍ତ୍ତା ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ।



ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ଅଞ୍ଚଳରେ ଗେଣ୍ଡାଳିଆଙ୍କ ସମାବେଶ। (ଫଟୋ-ବିପିନ)

# ଦୁଇ ଟ୍ରକ୍ ମୁହାଁମୁହିଁ: ଚାଳକ ମୃତ

**ପରଜଙ୍ଗ, ୧୯।୭(ଡି.ଏନ୍.ଏ.)**



ଘଟଣାସ୍ଥଳରେ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ନଂ. ଜାତୀୟ ରାଜପଥର ହାତୀଲୁଚାଣି ଛକ ନିକଟରେ ମଙ୍ଗଳବାର ମଧ୍ୟାହ୍ନରେ ଦୁଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗଁଦିଆ ଥାନା ଦେଓଗାଁର ଅଜିତ୍ ବେହେରା। ଅନୁଗୋଳ ଜିଲା କିଶୋରନଗର ଥାନା ଗୁଣ୍ଡୁରିଝରଣ ଗ୍ରାମର ଅନ୍ତର୍ଯ୍ୟାମୀ ସାହୁଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡ଼ି ୩୫ ସି ୫୦୫୮) ତାଳଚେରରୁ କାମାକ୍ଷାନଗର ଅଭିମୁଖେ ଆସୁଥିବା ବେଳେ ବିପରୀତ ପାର୍ଶ୍ୱରୁ ଯାଉଥିବା ଅନ୍ୟ ଏକ ଖାଲି ଟ୍ରକ୍ (ନଂ. ଓଡ଼ି ୧୯ ଇ ୯୭୧୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟ ଡ୍ରାଇଭରଙ୍କୁ ଉଦ୍ଧାର କରି ବିଭାଗୀୟ ଗାଡ଼ିରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଖାଲି ଟ୍ରକ୍‌ର ଡ୍ରାଇଭର ଅଜିତ୍‌ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ୫୩ନଂ. ଜାତୀୟ ରାଜପଥରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ପୋଲିସ ଦୁଇ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

## ମେଡିକାଲ କଲେଜ ନ ଖୋଲିଲେ ଜନସ୍ୱାର୍ଥ ମାମଲା

**ଢେଙ୍କାନାଳ ଅଫିସ,୧୯।୭:** ଢେଙ୍କାନାଳରେ ମେଡିକାଲ କଲେଜ ଖୋଲିବା ଦାବି ଦୋହରାଇଛି ଢେଙ୍କାନାଳ ରଥଗଡ଼ାସ୍ଥିତ ଉତ୍କଳ ଫେଡେରେଶନ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏଶନ (ଉଫୁନା)। ଏହା ନ ହେଲେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଉଫୁନାର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏ ସଂକ୍ରାନ୍ତରେ ଏକ ବୈଠକ ମଙ୍ଗଳବାର ସ୍ଥାନୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳରେ ମେଡିକାଲ କଲେଜ ପାଇଁ ଆବଶ୍ୟକ ସମସ୍ତ ଭିତ୍ତିଭୂମି ରହିଛି। କିନ୍ତୁ ରାଜ୍ୟ ସରକାର ପ୍ରସ୍ତାବ ନ ଦେବାରୁ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉ ନ ଥିବା ଆଲୋଚନା ହେଉଛି। ଆକାଂକ୍ଷା ଜିଲା ଭାବେ ଢେଙ୍କାନାଳରେ ମେଡିକାଲ କଲେଜ ଖୋଲିବା ଲାଗି ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଯଦି ଓଡ଼ିଶଶ ସରକାର ଏଥିଲାଗି ପ୍ରସ୍ତାବ ନ ଦିଅନ୍ତି, ତେବେ ହାଇକୋର୍ଟରେ ସାଧାରଣ ସ୍ୱାର୍ଥଜନିତ ମାମଲା ରୁଜୁ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ପୂର୍ବତନ ସିବିଆଇ ବିଚାରପତି ଭିକାରି ଚରଣ ରାଉତ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ, ପରିବେଶବିତ୍ ଉପେନ୍ଦ୍ର ରାଉତ, ସାମାଜିକ କର୍ମୀ ସରୋଜ ଶତପଥୀ, ଇଂ. ଡମ୍ବରୁଧର ପଣ୍ଡା, ପ୍ରଫେସର ବିଶ୍ୱନାଥ ମହାପାତ୍ର, ଶିକ୍ଷାବିତ୍ ଡ. ସମୀର ସାହୁ, ପ୍ରଫେସର ଦିଲୀପ ନନ୍ଦ, ପ୍ରାକୃତିକ ଚିକିତ୍ସକ ପୀତବାସ ସାହୁ, ଅକ୍ଷୟ ଶତପଥୀ, ପ୍ରମୋଦ ନାୟକ, ଡା. ଶ୍ରୀନିବାସ ହୋତା, ଡା. ଅବିନାଶ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଫିସ ସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ନିଆଁ ଲାଗିଲେ ଛାନିଆ

- ବ୍ୟବସାୟିକ ପ୍ରତିଷ୍ଠାନରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା
- ଏନ୍ଏସି କର୍ତ୍ତୃପକ୍ଷଙ୍କ ଅନୁମତି ବିନା ଚାଲିଛି ୭ରୁ ଊର୍ଦ୍ଧ୍ୱ ମଲ୍
- ବଢ଼ୁଛି ଟ୍ରାଫିକ୍ ସମସ୍ୟା, କାର୍ଯ୍ୟାନୁଷ୍ଠାନ ପାଇଁ ସଜବାଜ

**ଭୁବନ, ୧୯।୭(ଡି.ଏନ୍.ଏ.)**



ନୂଆ ବଜାରରେ ଅସମ୍ଭାଳ ଟ୍ରାଫିକ୍ ଜାମ୍।

ସହରରେ ମୁଣ୍ଡ ଟେକୁଛି ବଡ଼ ବଡ଼ ମଲ୍। ଏଭଳି ବ୍ୟବସାୟିକ ପ୍ରତିଷ୍ଠାନରେ ଦୈନିକ ହେଉଛି ବହୁଲକ୍ଷ ଟଙ୍କାର କାରବାର। ଗ୍ରାହକଙ୍କୁ ଆକର୍ଷିତ କରିବାକୁ ଦିନରାତି ରଙ୍ଗବେରଙ୍ଗ ଆଲୋକରେ ଚମକୁଥିବା ଏହି ମଲ୍‌ଗୁଡ଼ିକ କିନ୍ତୁ ଭୁଲିଯାଇଛନ୍ତି ସୁରକ୍ଷା ସମ୍ପର୍କିତ ନିୟମ। ନିଆଁ ଲାଗିଲେ କେଉଁ ରାସ୍ତା ଦେଇ ସୁବିଧାରେ ବାହାରକୁ ବାହାରି ହେବ, କମ୍ ସମୟ ଭିତରେ କେମିତି ଅଗ୍ନି ପ୍ରଶମିତ କରାଯାଇପାରିବ ସେ ସମ୍ପର୍କରେ ନା ଅଛି କର୍ମଚାରୀଙ୍କ ଧାରଣା ନା ସେମାନଙ୍କୁ ଦିଆଯାଇଛି ବିଧିବଦ୍ଧ ପ୍ରଶିକ୍ଷଣ। ଢେଙ୍କାନାଳ ଜିଲାର ଅନ୍ୟତମ ବ୍ୟବସାୟିକ ପେଣ୍ଠସ୍ଥଳ ଭୁବନ ଏନ୍ଏସିରେ ପ୍ରାୟ ସବୁ ମଲ୍‌ରେ ଏଭଳି ଅବ୍ୟବସ୍ଥାର ଚିତ୍ର ପଦାକୁ ଆସିଛି। ଗତ ଦିନରେ ଏକ ପୋଷାକ ଦୋକାନରେ ଶର୍ଟସର୍କିଟ୍ କାରଣରୁ ଲାଗିଥିବା ନିଆଁ ଅଞ୍ଚଳବାସୀଙ୍କୁ ଛାନିଆ କରିଥିବାବେଳେ ବଡ଼କଷ୍ଟରେ ଏହାକୁ ଆୟତ୍ତ କରିଥିଲା ଅଗ୍ନିଶମ ବାହିନୀ। ଆଗାମୀ ଦିନରେ ମଧ୍ୟ ଏଭଳି ଅଘଟଣ ନ ଘଟିବ ବୋଲି କହିହେଉନାହିଁ। ଯଦି ଏଭଳି ସ୍ଥିତି ସୃଷ୍ଟି ହୋଇ ଧନଜୀବନ ହାନି ହୁଏ, ତେବେ ଏଥିପ୍ରତି କିଏ ଦାୟୀ ରହିବ ବୋଲି ସହରର ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ନିୟମକୁ ବାଧ୍ୟତାମୂଳକ କରିଛନ୍ତି ରାଜ୍ୟ ସରକାର। ନିଆଁ ଲାଗିଲେ ଯେପରି ତତ୍‌କ୍ଷଣାତ୍ ଏହାକୁ ଲିଭାଯାଇପାରିବ ଏବଂ ବଡ଼ ଧରଣର କ୍ଷୟକ୍ଷତିକୁ ରୋକାଯାଇପାରିବ ସେଥିଲାଗି ଆବଶ୍ୟକ ନିଆଁ ଲିଭା ଉପକରଣ ପ୍ରସ୍ତୁତ ରଖିବାକୁ କଡ଼ା ନିର୍ଦ୍ଦେଶ ରହିଛି। ଏତଦ୍‌ବ୍ୟତୀତ ମଲ୍ ଭଳି ବଡ଼ ବ୍ୟବସାୟିକ କେନ୍ଦ୍ରର କର୍ମଚାରୀଙ୍କୁ ଅଗ୍ନି ପ୍ରଶମନ ଉପରେ ପ୍ରଶିକ୍ଷଣ ଦେବାକୁ କୁହାଯାଇଛି। ସହରାଞ୍ଚଳରେ ଏଭଳି ବ୍ୟବସ୍ଥାର ନିୟମିତ ସମୀକ୍ଷା କରିବାକୁ ସ୍ଥାନୀୟ ପ୍ରଶାସନ ଏବଂ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଅଛି। ହେଲେ ଭୁବନ ଏନ୍ଏସିର ବିଭିନ୍ନ ୱାର୍ଡରେ ଗଢ଼ି ଉଠିଥିବା ୭ରୁ ଊର୍ଦ୍ଧ୍ୱ ବଡ଼ ବଡ଼ ମଲ୍‌ରେ ଏହାକୁ ଖୋଲାଖୋଲି ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି।

ଅନ୍ୟପଟେ ଏନ୍ଏସି କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଉକ୍ତ ମଲ୍‌ଗୁଡ଼ିକ ଚାଲିଛି। ସହରାଞ୍ଚଳରେ ଏଭଳି ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ ପୂର୍ବରୁ ଟ୍ରାଫିକ୍ ପରିଚାଳନାର ବିଭିନ୍ନ ଦିଗ ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ। ଏଥିଲାଗି ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ରହିଛି। ସୁରକ୍ଷିତ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା, ଗ୍ରାହକଙ୍କ ଯାନବାହନ ପାର୍କିଂ ଲାଗି ଆବଶ୍ୟକ ସ୍ଥାନ ଛାଡ଼ିବା, କୌଣସି କାରଣରୁ ଆଇନଶୃଙ୍ଖଳା ସ୍ଥିତି ଉପୁଜିଲେ ପୋଲିସ ଯେପରି ଠିକ୍ ସମୟରେ ପହଞ୍ଚି ପାରିବ ସେଥିଲାଗି ଆବଶ୍ୟକ ବନ୍ଦୋବସ୍ତ କରିବାକୁ ନିୟମ ରହିଛି। ହେଲେ ଭୁବନରେ ଏ ସବୁ ଆଇନ୍‌କୁ 'ଫୁ' କରିଦେଇଛନ୍ତି ମଲ୍ କର୍ତ୍ତୃପକ୍ଷ। ବିଶେଷକରି ଜନଗହଳି ଅଞ୍ଚଳରେ ଗଢ଼ି ଉଠିଥିବା ମଲ୍‌ରେ ପାର୍କିଂ ସୁବିଧା କରାଯାଇ ନ ଥିବା ଦେଖିବାକୁ ମିଳିଛି। ଫଳରେ ଏଠାକୁ ଆସୁଥିବା ଜନସାଧାରଣ ବାଧ୍ୟ ହୋଇ ରାସ୍ତାରେ ଯାନବାହନ ପାର୍କିଂ କରୁଛନ୍ତି, ଯାହାକୁ ନେଇ ଟ୍ରାଫିକ୍ ସମସ୍ୟା ଅଣାୟତ୍ତ ହେଲାଣି। ଗୁରୁତର ରୋଗୀଙ୍କୁ ଧରି ମେଡିକାଲ ଯାଉଥିବା ଆମ୍ବୁଲାନ୍ସକୁ ମଧ୍ୟ ବାଟ ମିଳୁନି। ଜରୁରୀ କାର୍ଯ୍ୟରେ ଯାଉଥିବା ସହରବାସୀ, ସରକାରୀ କର୍ମଚାରୀ, ଛାତ୍ରୀଛାତ୍ର ଅନେକ ସମୟରେ ଅଡୁଆରେ ପଡୁଛନ୍ତି। ଏହାକୁ ନେଇ ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି, ଯାହା ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଉଛି। ଦିନକୁ ଦିନ ସମସ୍ୟା ବିଗୁଡୁଥିବାବେଳେ ଏନ୍ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗର ଲମ୍ବା ଲାଇନ୍ ଲାଗିଲାଣି। ଆଇନ ଅମାନ୍ୟ କରି ଚାଲିଥିବା ମଲ୍‌ଗୁଡ଼ିକ ସ୍କାନରରେ ଥିବାବେଳେ ଖୁବ୍‌ଶୀଘ୍ର ଅଗ୍ନିଶମ ବାହିନୀ, ପୋଲିସ ସହାୟତାରେ ଚଢ଼ାଉ କରାଯିବ ବୋଲି ଏନ୍ଏସି କର୍ତ୍ତୃପକ୍ଷ କହିଛନ୍ତି।

### ନୋଟିସକୁ ମାଲିକମାନେ ଭ୍ରୂକ୍ଷେପ କରୁନାହାନ୍ତି



"ଭୁବନରେ ଗଢ଼ି ଉଠିଥିବା ମଲ୍‌ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ମଲ୍ କର୍ତ୍ତୃପକ୍ଷ ପାର୍କିଂ ସୁବିଧା କରି ନ ଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ଏ ନେଇ ବାରମ୍ବାର ନୋଟିସ୍ କରାଯାଇଥିଲେ ମଧ୍ୟ ମାଲିକମାନେ ଭ୍ରୂକ୍ଷେପ କରୁନାହାନ୍ତି। ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

**-ଶ୍ୟାମସୁନ୍ଦର ସାହୁ, ଏନ୍ଏସି ନିର୍ବାହୀ ଅଧିକାରୀ**

### କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ



"ମଲ୍‌ଗୁଡ଼ିକରେ ବିଧିବଦ୍ଧ ଭାବେ ପାର୍କିଂ ସ୍ଥଳ ନ ଥବାରୁ ଟ୍ରାଫିକ୍ ଜାମ୍ ଅସମ୍ଭାଳ ହେଉଛି। ଏହାର ସୁଯୋଗରେ ଅସାମାଜିକ କାର୍ଯ୍ୟରେ ଜଡ଼ିତ ଅଭିଯୁକ୍ତମାନେ ସହଜରେ ଖସିପଳାଉଛନ୍ତି। ଏନ୍ଏସି କର୍ତ୍ତୃପକ୍ଷ ସହଯୋଗ କଲେ ରାସ୍ତା ଉପରକୁ ମାଡ଼ି ଆସିଥିବା ଦୋକାନ ଏବଂ ମଲ୍‌ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

- ସୌଭାଗ୍ୟ କୁମାର ସ୍ୱାଇଁ, ଭୁବନ ଥାନାଧିକାରୀ

### ନିୟମ ଖିଲାପ କରି ଚାଲିଛି



"ଭୁବନ ଏନ୍ଏସିର ବଡ଼ ବଡ଼ ଦୋକାନ, ମଲ୍‌ଗୁଡ଼ିକ ଅଗ୍ନିଶମ ବିଭାଗର ନିୟମ ଖିଲାପ କରି ଚାଲିଛନ୍ତି। ଗତ ଦିନରେ ଏକ ଲୁଗା ଦୋକାନରେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଆୟତ୍ତ କରିବାକୁ ଦୀର୍ଘ ସମୟ ଲାଗିଥିଲା। ଅଗ୍ନିଶମ ବିଭାଗର ନିୟମକୁ ଅଣଦେଖା କରାଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

- ମନୋରଞ୍ଜନ ବିଶ୍ୱାଳ, ଭୁବନ ଅଗ୍ନିଶମ ବିଭାଗ ମୁଖ୍ୟ ଆଗ୍ନିକ

# ପାଠ ପଢ଼ିବାକୁ ୫ କି.ମି.

- ଜଙ୍ଗଲ ରାସ୍ତାରେ ହାତୀ, ମାଙ୍କଡ଼ ଭୟ
- ଜିଲାପାଳଙ୍କୁ ଭେଟିଲେ ଛାତ୍ରୀଛାତ୍ର

**ପରଜଙ୍ଗ, ୧୯।୭(ଡି.ଏନ୍.ଏ.)**



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚକ୍ରଧରପୁର ଗ୍ରାମର ଛାତ୍ରୀଛାତ୍ର, ଅଭିଭାବକମାନେ।

ବାସ୍ତବ ସମସ୍ୟା ନ ବୁଝି, ଗ୍ରାମବାସୀଙ୍କ ସହ ବିନା ଆଲୋଚନାରେ କରିଦିଆଗଲା ବିଦ୍ୟାଳୟ ସମ୍ମିଶ୍ରଣ। ହେଲେ ଶିକ୍ଷା ବିଭାଗ ଏକଥା ଭୁଲିଗଲା, କୋମଳମତି ପିଲାମାନେ ୫ କିଲୋମିଟର ଜଙ୍ଗଲ ରାସ୍ତା ଅତିକ୍ରମ କରି କିପରି ସ୍କୁଲକୁ ଆସିବେ। ଏବେ ସମସ୍ୟା ବଡ଼ ଜଟିଳ ହୋଇଛି। ଜନଶୂନ୍ୟ ଜଙ୍ଗଲିଆ ପଥରେ କେତେବେଳେ ହାତୀ ତ କେତେବେଳେ ଜଙ୍ଗଲୀ ବାର୍‌ହା ଓ ମାଙ୍କଡ଼ଙ୍କ ଆତଙ୍କ ଦେଖାଦେଉଛି। ହେଲେ ଶିକ୍ଷା ପାଇଁ ଅନ୍ୟ ବିକଳ୍ପ ନ ଥିବାରୁ କୋମଳମତି ପିଲାମାନେ ପ୍ରତିଦିନ ଜୀବନକୁ ବାଜି ଲଗାଉଛନ୍ତି। ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁର ପଞ୍ଚାୟତ ଅନ୍ତର୍ଗତ ଚକ୍ରଧରପୁର ଗ୍ରାମରୁ ଆସିଛି ଶିକ୍ଷାକୁ ନେଇ ସଂଘର୍ଷର ଏଭଳି ଚିତ୍ର। ଏ ନେଇ ଗତ ସୋମବାର ପରଜଙ୍ଗରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ଏବଂ ଗ୍ରାମବାସୀ ଏକାଠି ହୋଇ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଜଣାଇଛନ୍ତି ସମସ୍ୟା।

ଚକ୍ରଧରପୁର ଗ୍ରାମରେ ୧୯୮୫ରେ ପ୍ରତିଷ୍ଠା ହୋଇଥିବା ଏହି ପ୍ରାଥମିକ ବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ୍ ଦର୍ଶାଇ ବନ୍ଦ କରିଦିଆଯାଇଛି। ଏହାକୁ ଗ୍ରାମଠାରୁ ୫କିମି ଦୂର ବାରିହାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସମ୍ମିଶ୍ରଣ କରାଯାଇଛି। ତେବେ ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତିରେ ପ୍ରଭାବିତ ହେଉଛି ୨୫ ଛାତ୍ରୀଛାତ୍ରଙ୍କ ପାଠପଢ଼ା। ଘରୁ ବିଦ୍ୟାଳୟକୁ ଆସିବା ପାଇଁ ଘଞ୍ଚ ଜଙ୍ଗଲ ଅତିକ୍ରମ କରିବାକୁ ପଡୁଥିବାବେଳେ ହାତୀ, ମାଙ୍କଡ଼, ବିଷାକ୍ତ ସରୀସୃପଙ୍କ ଭୟ ଲାଗି ରହୁଛି। ସେହିପରି ରାସ୍ତାରେ ବିପଜ୍ଜନକ ନାଳ, ରେଳପଥ ଅତିକ୍ରମ କରିବାକୁ ପଡୁଛି। ପିଲାମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ଥିବାରୁ ଅଭିଭାବକମାନେ ସ୍କୁଲ ଛାଡ଼ିବାକୁ ଅମଙ୍ଗ ହେଉଛନ୍ତି। ସମସ୍ୟା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ଗତ ସୋମବାର ୨୫ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି। ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ସକାରାତ୍ମକ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

### ନିଶାସେବନ କରି ଆସୁଛନ୍ତି ଶିକ୍ଷକ

ଛାତ୍ରୀଛାତ୍ରଙ୍କୁ ଭଲ ଶିକ୍ଷା ଦେଇ ମଣିଷ କରିବା ଦାୟିତ୍ୱ ଶିକ୍ଷକଙ୍କର। ଏହାକୁ ଠିକ୍ ଭାବେ ତୁଲାଇବାକୁ ସରକାର ଦେଉଛନ୍ତି ଗୁରୁତ୍ୱ। ଶିକ୍ଷା ବିଭାଗରେ ସ୍ୱଚ୍ଛତା ରକ୍ଷା ଲାଗି ଏହାକୁ '୫-ଟି' ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇଛି। ହେଲେ ପରଜଙ୍ଗ ବ୍ଲକର ସୀମାନ୍ତ ପଞ୍ଚାୟତ ଭାବେ ପରିଚିତ ଜୟପୁରାକାଟେଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଆସିଛି ଏହାର ବିପରୀତ ଚିତ୍ର। ଶିକ୍ଷାଦାନ ଦାୟିତ୍ୱରେ ଥିବା ଶିକ୍ଷକମାନେ ଶ୍ରେଣୀଗୃହକୁ ନିଶା ସେବନ କରି ଆସୁଥିବା ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିବାକୁ ସେମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟ ବହୁବିଧ ଅବ୍ୟବସ୍ଥା ଘେରରେ ରହିଛି। ସ୍କୁଲରେ ଶିକ୍ଷକମାନେ ନିଶା ସେବନ କରୁଛନ୍ତି। ଠିକ୍ ଭାବେ ପାଠ ପଢ଼ାଉନାହାନ୍ତି। ପିଲାଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି। ଶିକ୍ଷା ବିଭାଗ ଦ୍ୱାରା ଏହାର ନିରପେକ୍ଷ ତଦନ୍ତ କରାଯାଇ ଏଭଳି ଅନୈତିକ କାର୍ଯ୍ୟରେ ଲିପ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପାର୍କରେ ଲାଗିଲା ଚାରା

**କାମାକ୍ଷାନଗର,୧୯।୭(ଡି.ଏନ୍.ଏ.)**

କାମାକ୍ଷାନଗର ଏନ୍ଏସି ଅଧୀନ ୧ନଂ. ୱାର୍ଡ ବଡ଼ ଇନ୍ଦୁପୁର ଗ୍ରାମ ପାର୍କରେ ଢେଙ୍କାନାଳ ଜିଲା ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଚାରା ରୋପଣ କରାଯାଇଛି। ବିଜେଡିର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାମାକ୍ଷାନଗର ନଗରପାଳ ତଥା ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଅନ୍ୟତମ ଅତିଥି ଭାବେ ଉପନଗରପାଳ ଶକୁନ୍ତଳା ସେଠୀ, ଏନଏସି ବିଜେଡି ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ମଙ୍ଗୁତ୍‌ଲାଲ କଟାରୁକା, ସୂର୍ଯ୍ୟସମ୍ମିତ ସାହୁ, ଶୁକଦେବ ସାହୁ, ଧର୍ମେନ୍ଦ୍ର ଦାସ, ବିଶ୍ୱରଞ୍ଜନ ସାହୁ, ରଞ୍ଜିତା ବେହେରାଙ୍କ ସମେତ ବିଭିନ୍ନ ୱାର୍ଡର କାଉନ୍‌ସିଲର, କର୍ମୀମାନେ ଉପସ୍ଥିତ ରହି ଚାରାରୋପଣ କରିଥିଲେ।



ଚାରାରୋପଣ କାର୍ଯ୍ୟକ୍ରମରେ ମନ୍ତ୍ରୀ, ନଗରପାଳ ଓ ଅନ୍ୟମାନେ।

